# ଗ୍ରାମ ପଞ୍ଚାୟତ ଗ୍ରାମ ସୁଙ୍ଫିପିଣ୍ଡ

# ବନାମ

# ସଚିବ ଏବଂ ଅନ୍ୟମାନଙ୍କ ମାଧ୍ୟମରେ ପଞ୍ଜାବ ରାଜ୍ୟ

# ଫେବୃଆରୀ 1, 1996

# [କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜାବ ଗ୍ରାମ ସର୍ବସାଧାରଣ ଜମି (ବିନିୟମ) ଅଧିନିୟମ, 1961:*

*ଧାରା 4 (2), 42 — ଏକ ନିର୍ଦ୍ଦିଷ୍ଟ ପ୍ଲଟରେ ଅବସ୍ଥିତ ଆବାଦୀ ଜମି — 1959 ମସିହାରେ ଚକବନ୍ଦୀ ପ୍ରକ୍ରିୟା ସମାପ୍ତ ହୋଇଥିଲା — 1979 ମସିହାରେ ପ୍ଲଟର ପୁନଃ ବିନ୍ୟାସ ପାଇଁ ଏକ ଆବେଦନ କରାଯାଇଥିଲା, ଯାହାଫଳରେ ଉତ୍ତରଦାତାଙ୍କ ପ୍ଲଟ୍‌ର ଉପଭୋଗରେ କୌଣସି ବାଧା ସୃଷ୍ଟି ନହେବ — କର୍ତ୍ତୃପକ୍ଷ ବିଳମ୍ବକୁ କ୍ଷମା କରି ଗ୍ରାମ ପଞ୍ଚାୟତକୁ ବିନା ସୂଚନାରେ ପୁନଃ ବିନ୍ୟାସ ପାଇଁ ଆଦେଶ ପାରିତ କରିଥିଲେ; ଯେଉଁଥିରେ ଗ୍ରାମ ପଞ୍ଚାୟତ ଦାବି କରିଥିଲା ଯେ ଉକ୍ତ ଜମିଟି ଏକ ରାସ୍ତା ଭାବେ ଏହା ପାଖରେ ନ୍ୟସ୍ତ ହୋଇଛି — ଅପିଲ କରିବା ପରେ ନିର୍ଣ୍ଣୟ ନିଆଯାଇଥିଲା ଯେ ଉତ୍ତରଦାତା ନିଜ ସମ୍ପତ୍ତିକୁ ଯିବା ପାଇଁ ରାସ୍ତା ଏବଂ ତାହାର ପୁନଃ ବିନ୍ୟାସ ଦାବି କରୁଥିବା ତଥ୍ୟକୁ ଦୃଷ୍ଟିରେ ରଖି, ପୂର୍ବରୁ ପାରିତ ପୁନଃ ବିନ୍ୟାସ ଆଦେଶକୁ ବାତିଲ କରାଯାଉଛି ଏବଂ ମାମଲାଟିକୁ ଚକବନ୍ଦୀ ଅଧିକାରୀଙ୍କ ନିକଟକୁ ପୁନଃ-ବିଚାର ପାଇଁ ପଠାଯାଉଛି — ସମସ୍ତ ପକ୍ଷଙ୍କୁ ସୂଚନା ପ୍ରଦାନ ଏବଂ ସ୍ଥାନର ବ୍ୟକ୍ତିଗତ ପରିଦର୍ଶନ ପରେ, ସେ ସମସ୍ତଙ୍କ ଉପସ୍ଥିତିରେ ଆଇନ ଅନୁଯାୟୀ ଦୁଇ ମାସ ମଧ୍ୟରେ ବିନ୍ୟାସ ନିର୍ଦ୍ଧାରଣ କରିବେ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 1808/1975 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 1887/1975 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 21.5.75 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ପୱନ କୁମାର ବହଲ୍ ଏବଂ ପି. ନରସିଂହନ୍ ।

ଉତ୍ତରଦାତାମାନଙ୍କ ତରଫରୁ ୱାଇ.ପି. ଧିଙ୍ଗ୍ରା ଏବଂ ଏମ୍.କେ. ଗାର୍ଗ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଗ୍ରାମ ପଞ୍ଚାୟତ ଗ୍ରାମ ସୁଫିପିଣ୍ଡ ବନାମ ରାଜ୍ୟ

ବିଶେଷ ଅନୁମତି ମାଧ୍ୟମରେ ଦାୟର ଏହି ଅପିଲଟି ଉଚ୍ଚ ନ୍ୟାୟାଳୟଙ୍କ 21 ମେ, 1975 ତାରିଖର ଆଦେଶ ବିରୁଦ୍ଧରେ କରାଯାଇଛି, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନ ସଂଖ୍ୟା 1887/75 କୁ ସାଧାରଣ ଭାବେ *ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ* ଖାରଜ କରିଦେଇଥିଲେ । ବିବାଦର ବିଷୟ ହେଉଛି— ଆବାଦୀ ପ୍ଲଟ୍ ସଂଖ୍ୟା 71 ଏକ ସାଧାରଣ ରାସ୍ତା କି, ଯାହା ସୁଫିପିଣ୍ଡ ଗ୍ରାମ ପଞ୍ଚାୟତ ପାଖରେ ନ୍ୟସ୍ତ ହୋଇଛି, ଅଥବା ଏହି ରାସ୍ତାଟି ଉତ୍ତରଦାତାଙ୍କ ପାଇଁ ଏକ ପଥ ଅଟେ । ଏହା ସ୍ୱୀକୃତ ଯେ, ଚକବନ୍ଦୀ ପ୍ରକ୍ରିୟା 1959 ମସିହାରେ ସମାପ୍ତ ହୋଇଥିଲା । ଦୀର୍ଘ ସମୟ ଅତିବାହିତ ହେବା ପରେ, 1974 ମସିହାରେ ପ୍ଲଟର ପୁନଃ ବିନ୍ୟାସ ପାଇଁ ଏକ ଆବେଦନ କରାଗଲା, ଯାହାଫଳରେ ପ୍ଲଟ୍ ନଂ 71  ର ଉପଭୋଗରେ ତାଙ୍କ ପାଇଁ କୌଣସି ବାଧା ସୃଷ୍ଟି ନହୁଏ । ଗ୍ରାମ ପଞ୍ଚାୟତ ଦାବି କରିଥିଲା ଯେ ଏହା ଏକ ସାଧାରଣ ରାସ୍ତା ଏବଂ ପଞ୍ଜାବ ଗ୍ରାମ ସର୍ବସାଧାରଣ ଜମି (ବିନିୟମ) ଅଧିନିୟମ, 1961 ଅନୁଯାୟୀ ଏବଂ ପରେ ଏହି ଅଧିନିୟମର ଧାରା 4(2) ର କାର୍ଯ୍ୟକାରିତା ଅନୁଯାୟୀ ଏହା ଗ୍ରାମ ପଞ୍ଚାୟତ ଅଧୀନରେ ନ୍ୟସ୍ତ ହୋଇଛି । ଏହା ମଧ୍ୟ ସ୍ୱୀକୃତ ଯେ, ଏହି ପ୍ରକ୍ରିୟାରେ ଗ୍ରାମ ପଞ୍ଚାୟତକୁ କୌଣସି ସୂଚନା ଜାରି କରାଯାଇ ନଥିଲା । ଚକବନ୍ଦୀ ଅଧିନିୟମର ଧାରା 42 ଅଧୀନରେ କର୍ତ୍ତୃପକ୍ଷ ନିଜର ପୁନଃରୀକ୍ଷଣ କ୍ଷେତ୍ରାଧିକାରିତା ପ୍ରୟୋଗ କରି ବିଳମ୍ବକୁ କ୍ଷମା କରିଥିଲେ ଏବଂ ପୁନଃ ବିନ୍ୟାସ ଆଦେଶ ପାରିତ କରିଥିଲେ । ଯେହେତୁ ଉତ୍ତରଦାତା ନିଜ ସମ୍ପତ୍ତିକୁ ଯିବା ପାଇଁ ପଥ ଏବଂ ଏହାର ପୁନଃ ବିନ୍ୟାସ ଦାବି କରୁଛନ୍ତି, ତେଣୁ ଏହି ତଥ୍ୟକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ଏହା ହେବ ଯେ ପୂର୍ବ ଆଦେଶକୁ ବାତିଲ କରାଯାଉ ଏବଂ ମାମଲାଟିକୁ ଚକବନ୍ଦୀ ଅଧିକାରୀଙ୍କ ନିକଟକୁ ପୁନଃ-ବିଚାର ପାଇଁ ପଠାଯାଉ । ଚକବନ୍ଦୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ସେ ଅପିଲକାରୀ ତଥା ଉତ୍ତରଦାତାଙ୍କୁ ପୂର୍ବରୁ ସୂଚନା ଜାରି କରିବେ । ସେ ସ୍ଥାନର ବ୍ୟକ୍ତିଗତ ପରିଦର୍ଶନ କରିବେ ଏବଂ ତାହା ପରେ ସେମାନଙ୍କ ଉପସ୍ଥିତିରେ ଆଇନ ଅନୁଯାୟୀ ବିନ୍ୟାସ ନିର୍ଦ୍ଧାରଣ କରିବେ । ଏହା ଯେ କେବଳ ସମୟର ଅଯଥା ଅପଚୟକୁ ଏଡ଼ାଇବ ତାହା ନୁହେଁ, ବରଂ ବାସ୍ତବ ସ୍ଥିତି ତଥା ସେହି ଉଦ୍ଦେଶ୍ୟରେ ପ୍ରକୃତ ଆବଶ୍ୟକତାକୁ ଅନୁଧ୍ୟାନ କରି ଉଭୟ ପକ୍ଷଙ୍କ ଉପସ୍ଥିତିରେ ସେମାନଙ୍କ ଅଧିକାରର ସମାଧାନ କରିବ ।

ଏହି ପରିପ୍ରେକ୍ଷୀରେ, ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । ଚକବନ୍ଦୀ ଅଧିକାରୀଙ୍କୁ ଏହି ଆଦେଶ ପ୍ରାପ୍ତ ହେବାର ଦୁଇ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉ ନାହିଁ ।

ଜି.ଏନ୍.　　　　　　　　　　　　　　　　　　　　ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**<u>ଅସ୍ବୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**